# ଜଶାଶ ଚୟନ

Scanned under
Project Pothi

ପୋଥି

# ଜଶାଶ ଚୟନ

୧୯୭୪

ଗୀତାମାର୍ଗ,

ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା,

କୋରାପୁଟ, ଅନୁକୂଲ୍ୟରେ ପ୍ରକାଶିତ ।

ମୂଲ୍ୟ —୨୫ ପଇସା

## —ଜଗନ୍ନାଥ ବନ୍ଦନା—

"କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତ ତରଳୋ
ମୁଦାଭୀରୀ ନାରୀ ବଦନ କମଳ ସ୍ୱାଦ ମଧୁପ ।
ରମା ଶମ୍ଭୁ ବ୍ରହ୍ମା ସୁରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।"

ଶ୍ରୀ ଶଙ୍କରାଚାର୍ଯ୍ୟ

(ଏକଦା ଯେ ଯମୁନା ତଟରେ ନିକୁଞ୍ଜବନରେ ସୁଲଳିତ ସଙ୍ଗୀତ ଗାନ କରି ଆନନ୍ଦ ମନରେ ଭ୍ରମର ତୁଲ୍ୟ ଗୋପାଙ୍ଗନା ମାନଙ୍କର ମୁଖ—ପଦ୍ମର ଆସ୍ୱାଦ ଗ୍ରହଣ କରୁଥିଲେ, ଯାହାଙ୍କର ଚରଣ ଯୁଗଳ ଲକ୍ଷ୍ମୀ, ଶିବ, ବ୍ରହ୍ମା, ଇନ୍ଦ୍ର ଗଣେଶାଦିଙ୍କ ଦ୍ୱାରା ଅର୍ଚ୍ଚିତ, ସେହି ପ୍ରଭୁ ଜଗନ୍ନାଥ ମୋର ନେତ୍ର ପଥରେ ରହିଥାନ୍ତୁ ।)

ମୁଁ ଅତି ପତିତ ଭରସା କରିଛି
ତୁମ୍ଭ ଶ୍ରୀ ଚରଣ ତଳେ ।
ଶ୍ରୀ ବୀର କିଶୋର ମହାରାଜ ଭଣି
ଦୟା କର ମୋତେ ହେଲେ । ୪ ॥

— ଶ୍ରୀ ବୀର କିଶୋରୀ ଦେବ

— ୨ —

ଗୁହାଁରେ ପତିତ ଜନ ପତିତପାବନଙ୍କୁ,
ଓଡ଼ିଆ ଗରବ ଧନ ଜାତି ସନମାନଙ୍କୁ (ଘୋଷା)

ଆଗେଚଳେ ତାଳଧ୍ୱଜ ଘେନି ସଙ୍ଗତେ ଅଗ୍ରଜ,
ବାଟରେ ଅଭୟ ବର ଦାନ ଦୁଃଖୀ ଜନଙ୍କୁ ॥ ୧ ॥
ମଝିରେ ଦର୍ପ ଦଳନ ଘେନି ଭଗିନୀ ରତନ
କହେ ତେଜ ଧନଜନ ତୁଚ୍ଛ ଅଭିମାନକୁ ॥ ୨ ॥
ପଛେ ନନ୍ଦଘୋଷ ଧୀରେ ଚଳେ ମାତଙ୍ଗ ଗତିରେ,
ଘେନି କଳା କୁଞ୍ଜ ଦଳା ମଦନ ମୋହନଙ୍କୁ ॥ ୩ ॥
ଗଳେ ଦୋଳେ ମଣିମାଳା ନୟନେ ବିଜୁଳି ଖେଳା,
ମକର କୁଣ୍ଡଳ ଗଣ୍ଡ କାବଟି ମଣ୍ଡନଙ୍କୁ ॥ ୪ ॥
ଅଖିଳ ଜଗତ ଜନ ଭେଦା ଭେଦ ବିନାଶନ,
ଅନାଥର ନାଥ ଜଗ— ନ୍ନାଥ ଭଗବାନଙ୍କୁ ॥ ୫ ॥

ଅଦ୍ଧେ ନୀଳ ଶୈଳ—ପ୍ରବଳ—ମତ୍ତ—ବାରଣ
ମୋ ଆରତ—ନଳିନୀ ବନକୁ କର ଦଳନ (ଘୋଷା)

ଗଜରାଜ ଚିନ୍ତାକଲା ଆଇ ଘୋର ଜଳେଣ
ଚକ୍ରେ ପଶି ଗ୍ରାହ ନାଶି ରକ୍ଷିଲ ଅପଣେ ॥ ୧ ॥

ଘୋର ବନେ ମୃଗୁଣୀକି ଉଡ଼ିଥିଲା କଷଣ
କେଡ଼େ ବଡ଼ ବିପତ୍ତିରୁ କରିଅଛ ତାରଣ ॥ ୨ ॥

କୁରୁ ସଭା ତଳେ ଶୁଣି ଦ୍ରୌପଦୀର ଜଣାଣ
କୋଟି ବସ୍ତ୍ର ଦେଇ ହେଲେ ଲଜ୍ଜା କଲ ବାରଣ ॥ ୩ ॥

ରାବଣର ଭାଇ ବିଭୀଷଣ ଗଲା ଶରଣ
ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ ॥ ୪ ॥

ପ୍ରହ୍ଲାଦ—ପିତା ସେ ଟପ ବଡ଼ ଦୁଷ୍ଟ ଦାରୁଣ
ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ତକ୍ଷଣ ॥ ୫ ॥

କହେ ସାଲ ବେଗ ସ୍ତ୍ରୀର ଜାତିରେ ମୁଁ ଯବନ
ଶ୍ରୀରଙ୍ଗା ଚରଣ ତଳେ ଡକୁଅଛି ଜଣାଣ ॥ ୬ ॥

ଯବନ ଭକ୍ତ—ସାଲବେଗ

ମାନ ଉଦ୍ଧାରଣ କରିବେ କାରଣେ,
ଶରଣ ମୁଁ ତୁମ୍ଭ ପାଦତଳେ ॥ ପଦ ॥

ଅନାଥର ନାଥ ନୀଳଗିରି ନାଥ,
ଜଗନ୍ନାଥ ନାମ ନୀଳା ଚଉଳ ॥ ୧ ॥
ଲ କ୍ଷ ଯୋଜନରେ ଗଜ ଡାକ ଦେଲା,
ତା ଡାକ ଶୁଣିଲ ପଣା ଖୋଲେ ।
ମାରକଣ୍ଡ ଋଷି ଯାଉଥିଲେ ଭାସି
ଜଗର ଧରିଲ ବାମ କରେ ॥ ୨ ॥

କିଷ୍କିଧାକୁ ଗଲ ବଳୀ ବନାଗିଲ
ବନ୍ଧ ଯେ ବାନ୍ଧିଲ ସିନ୍ଧୁ ଜଳେ ।
ଲଙ୍କାରେ ରାବଣ ବଧିଲ ଅପଣ,
ଜନକ ନନ୍ଦିନୀ ସୀତା ଛ ଲେ ॥ ୩ ॥

ଯୁଧିଷ୍ଠିର ବୋଲେ ହସ୍ତିନାକୁ ଗଲ,
ଭୋଜନ କଲ ବିଦୁର ଘରେ ।
କୁରୁସଭା ତଳେ ପାଞ୍ଚାଳୀ ଶନ୍ତୁଲା,
କୋଟି ବସ୍ତ୍ର ଦେଲ ଅବହେଳେ ॥ ୪ ॥

ବନ ପୋଡ଼ି କାଳେ ଘୋର ଦାବାନଳେ,
ଈଶ୍ୱର ରଖିଲ ବ୍ରଜବାଳେ ।
ଭଣେ ଉପେନ୍ଦ୍ର କବି କୁଳ ଚନ୍ଦ୍ର,
ଶରଣ ମୁଁ ତୁମ୍ଭ ପାଦ ତଳେ ॥ ୫ ॥

ଉପେନ୍ଦ୍ରଭଞ୍ଜ

— ୬ —

ଅଜ୍ଞାନ ଗୁରୁ ଯିବା, ଚକାନୟନ ଦେଖିବା ।
ଶଙ୍ଖନାଭି ମଣ୍ଡଳରେ, ବେଣୀନେଇ ଖୋଲିବା । ପଦ ।
ବାଟରେ ବାଟ ମିଶିଲା, ଦେଖିବା ଅଠର ନଳା,
ପାଞ୍ଚ ମନ ଏକ ମେଳା, ନରେନ୍ଦ୍ରେ ସ୍ନାନ କରିବା । ୧ ।
ପହଞ୍ଚିବା ବଡ଼ଦାଣ୍ଡେ, ସେ ବେଣୁ ପାଇବା ତୁଣ୍ଡେ,
ଛିଡ଼ା ତଳେ ରଥ ଦଣ୍ଡେ, ସାଧୁଙ୍କ ସେବା କରିବା । ୨ ।
ସିଂହଦ୍ୱାରେ ଭଲାଭିଡ଼, ବାଜୁଅଛି ବେତବାଡ଼ି,
ଠେଲିଦେଲ ଯିବା ମାଡ଼ି, ଧକ୍କା ବାଜିଲେ ସହିବା । ୩ ।
ବାଇଶ ପାବ ଛୁଇଁବା, କୈବଲ୍ୟ ହେଉଛି ଚଖା,
ହାଣ୍ଡିକ ପଡ଼େ ସଉଦା, ମନରଙ୍କା ଛଡ଼ାଇବା । ୪ ।
ରୁଢ଼ି ପଛରେ ଦୋଷ, ଦିଶୁଛି କଳା ଶ୍ରୀମୁଖ,
କହଇ ସାରଥି ଭକ୍ତ, ବଳସ୍ୱାମଙ୍କୁ କହିବା । ୫ ।

-ସାରଥି-

—୬—

ଟଣିମା ଶୁଣିବା ହେଉ ଗରିବ ଡାକ
ନିରକ୍ଷଜନକୁ ରଖ ପଙ୍କଜମୁଖ ।ପଦ।

କୃପାସାଗର କାହିଁକି ମୋ ବେଳକୁ ଗଲ ଶୁଖି,
ଜାଣିଲୁ ମୋ କର୍ମ ବାଙ୍କ ନୁହେଁ ସଲଖ ।୧।

ଆତଙ୍କ ନାଶନ ବାନା ନ ଶୁଣି ଭୃତ୍ୟ ବେଦନା,
ଏବେ ହୋଇଯିବ ମନା, ଦେ ଦେବ ଡାକ ।୨।
ଦାସ ଯେତେବ ନାଶ ଯିବ, କୀର୍ତ୍ତିରେ ଅକୀର୍ତ୍ତି ହେବ ।
ଶରତ ଚନ୍ଦ୍ରରେ ଲାଗି ଯିବ କଳଙ୍କ ।୩।
କହେ ସଦାନନ୍ଦ ଗୁରୁ ନାହିଁ ଆନ ପ୍ରତିକାର,
ଏ ହୀନ ଅବସ୍ଥା ମୋର କେବେ ନ ଦେଖ ।୪।

-ସଦାନନ୍ଦ-

—୭—

ଲହୁ ଲ କଦବ, ନ ବଶଇ ବୁଦ୍ଧି ନେହୁ ଦୟାନିଧି (ଘୋଷା)
ବିଷୟ ଭୋଗରେ ମନ ହେଉଛି ସଦା ଉଚ୍ଛୁନ୍ନ
ଦୁଃଖ ଲଭ ପରିଣାମ ଜାଣି ଛଳ ପରିମାଣ,
ଚିତ୍ତକୁ ମୁଁ ନ ପାରଇ ବୋଧି (୧)

ଭାଇ, ଭଗ୍ନୀ, ପିତାମାତା    ଦାରା, ତନୟ, ଦୁହିତା,
ଯା ସଙ୍ଗ ଅଛୁ ବେଷ୍ଟିତା    ବିଚ୍ଛେଦେ ବିଷମ ବ୍ୟଥା,
ମିଥ୍ୟା ଜାଣି ହୁଏ କମ୍ପା ଝଡ (୨)
ଲାଭରେ ଅତି ଆନନ୍ଦ    କ୍ଷତିରେ ଘୋର ବିଷାଦ,
ପୁଣ୍ୟଟି ନିଜ ସମ୍ପଦ    ପାପଟା ବିଧାତା ଛନ୍ଦ
ମଣୁଅଛୁ ମନେ ଏହି ବୁଦ୍ଧି (୩)
ଧରମେ ନୁହେଁ ପ୍ରବୃତ୍ତି    ଅଧର୍ମେ ନାହିଁ ନିବୃତ୍ତି
ଯା ହୁଏ ତା ଦେବ ଗତି    ମଣି ନୁହେଁ ହୃଦେ ଶାନ୍ତି
ପାରୁନାହିଁ ଏ ରହସ୍ୟ ଭେଦ (୪)
ହେ ପରମ ପିତାମାତା    ଅଜ୍ଞାନ ତିମିର ହନ୍ତା,
ମୋ ହୃଦପଦ୍ମ ସବିତା,    ଘେନ ମୋ ଆରତି ଗାଥା
ଦେଖା ମୋତେ ପଥ ନିରବଧି (୫)

— ପଦ୍ୟବିନୋଦ ଭଗବାନ ମିଶ୍ର —

—୮—

ମାନବକୁ ଦୟାକାରି !    ଦୁଃଖ ନ ଗଲା ମୋହର ।
ହେଲ କି ନିଷ୍ଠୁର ନାଥ ମଲାବେଳେ ଧରେ କର ।ଘୋଷା।
ଲକ୍ଷେ ଯୋଜନରୁ ଗଜ    ଡାକିଲା ହେ ଦେବରାଜ,
ତା ଡାକକୁ ଚତୁର୍ଭୁଜ ! ଶୁଣିଛ ଶ୍ରବଣ ଡେର ।୧।

କୁରୁପତି-ସଭା ତଳେ    ଦ୍ରୌପଦୀ ଅଚଳକାଳେ
କୋଟିବସ୍ତ୍ର ଦେଇ ହେଲେ ନଗ୍ନାରୁ କରିଛ ପାର ।୨।
ବଳବନ୍ତ ପ୍ରଭୁ ବୋଲି    ବଳେ ମୁଁ ଯେ ଆଶା କଲି
ଦେଖି ଦେଖି ଭୁଲିଗଲ କେ ଏଥୁ କରିବ ପାର ।୩।
ରଖ ବା ନ ରଖ ମୋତେ    ଶରଣ ତୋ ପାଦତଳେ
କହେ ବନମାଳୀ ଗୀତେ ବସିଅଛୁ ଧ୍ୟାନ କରି ।୪।

-ବନମାଳୀ ଦାସ-

— ୯ —

ବାଧିଲ ଜାଣି କ୍ଷମା, କର ନୋହିଲେ ରମା
ରମଣ ଦଣ୍ଡେ ଦିଅ ଟାଳି,
ତୁମ୍ଭକୁ ଜଗନ୍ନାଥ ! ଅଜି ମୋ ମନୋରଥ
ପୂର୍ଣ୍ଣ କରିବା ହେଇ ଗଲା । ହେ କୃପାନିଧି !
କରୁଣାସିନ୍ଧୁ ବୋଲି କରି, କହନ୍ତି ବୁଧେ ଉଚ୍ଚସ୍ୱର,
କାଳସର୍ପ ଅର୍ପଣ କରିଲ କର ପ୍ରାଣି—
ପତନମାନଙ୍କୁ ସବୁରି ହେ ।୧।
ଜଳଧି ଅନ୍ତେ ନିଜ ଘର ଦେବାଧିରାଜ
ବୁଡ଼ାଇ ଦେଇଛ ଆପଣ,
ତୁମ୍ଭର ସିନା ହେବ ଆଶ୍ଚର୍ଯ୍ୟ ନୋହେ ଅନ
ଜନର ଘରବୁଡ଼ା ପଣ, ହେ ଦୟାନିଧି !

ଭୁଜଙ୍ଗ ସାମ୍ୟ ଆସ୍ୟ ତୁଲେ  ଜଟାଅ ବୋଲି ଅଙ୍ଗ ତହେଲେ
ମୁଁ ନୁହେଁ ଘରବୁଢ଼ା ଜଟାଇବାକୁ ଚୁଡ଼ା—
ହୋଇଛୁ ଜଟାଇବ ଭଲେ ହେ । ୨ ।
ତାହାକୁ ବୋଲି ଚକ୍ରୀ  ଚକ୍ର ଥିବାରୁ ଚକ୍ରୀ
ତୁମ ତ ବୋଲୁଅ ମଣ୍ଡଳେ,
ବେଶରେ କୁଣ୍ଡଳୀ ସେ  ଆପଣ ତ ବିଶେଷେ
ଭୂଷିତ ମକର କୁଣ୍ଡଳେ, ହେ କୃପାନିଧି !
ଅଦୃଶ୍ୟ ହେବାରୁ ତା ପାଦ  ତାହାକୁ ବୋଲି ଗୂଢ଼ପାଦ
ଆପଣ ଚରଣ ତ ଦରସୁ ନ ଗୂଢତ
କାହିଁ ତାଠାରୁ ତୁମ୍ଭ ଭେଦ ହେ । ୩ ।
—କବିସୂର୍ଯ୍ୟ ବଳଦେବ—

—୧୦—

ଚକାଡୋଳା କମ୍ପା ଡଙ୍କା  କମ୍ପା ଡଙ୍କା ନ ଶୁଣ ।
ଢ଼ଙ୍କା ଜଙ୍ଘା ପ୍ରଭୁ ଥକ୍କା ହୋଇ ବସି
ଜଗାଇଲ ପୁରୀ ଏ କେଉଁ ଗୁଣ । ୧ ।
ସଖା ସଙ୍ଗେ ରଙ୍ଗେ  ଯମୁନା କୂଳରେ
ବକାଶର ଓହେଲ ନକି ବାରଣ
ରଖାଇଲ ଗୋପୀ  ଗୋପାଳ ସକଳ

ଗୋବରଧନକୁ  କର ଧାରଣ
ଗୋପଚାରଣ  ଖେଦବାରଣ ।୧।
ଭାରତ ସମରେ  ଅର୍ଜୁନ ପ୍ରେମରେ
ରଥଚାଳି ଶ୍ରମ ପାଇ ଅପଣ
ସେ ଶ୍ରମ ହରଣେ  ଲୁଚିଥିଲ ବନେ
କଦମ୍ବରେ ପୁଣି କି ହେଲା ମନ
ଜଗ ଭବନ  ଭଲ ଭୂଷଣ ।୨।
ନୀଳଗିରିସାଇଁ  ବୋଲୁଇ ଗୋସାଇଁ
ସିଂହାସନେ ବସି ହେଲ ନଉନ,
ଚାଅଇଁ ଶୋଇଲେ  କିଏ ଉଠାଇବ
ଭୁଲିଲକି ସବୁ ଅନ୍ତର ଜାଣି
ମୋ ଦୁଃଖ ଜାଣି  ହେଲ ପାଷାଣ ।୩।
ବହୁସ୍ତ୍ରାରେ ମନ୍ତ୍ରି  ତୁମକୁ ନ ଭଜି
ମୁଁ ଅଜ ପତିତ ହେ ନାରାୟଣ
ଏବେ ମୋ ଶରଣ  ଶରଣ ରକ୍ଷଣ
ହାହୁ ଭର ବାରେ ଗଜ ତାରଣ
ରଖ ଶରଣ  ଦେଇ ଚରଣ ।୪।

ଦୁଃଖ ନାଶନ ଗରୁଡାସନ ହରି
ଦୁଃଖ ଜଣାଇବି କାହାକୁ ।
ଦୀନନାଥ ଥାଉଁ ଅନ୍ଧାର ଘୋଟୁଛୁ
ଏ ନିନ୍ଦା ହୋଇବ କାହାକୁ । ପଦ ।

ଚିନ୍ତାନାବ ପରେ ବସାଇ କରି,
ପେଲଦେଲ ବୁଡ଼ିଯାଉଛୁ ମରି ।
କାହାକୁ ଡାକିବି ରଖ ରଖ ବୋଲି
ଲଜ୍ଜାହେବ ଲକ୍ଷ୍ମୀ ନାହାଙ୍କୁ । ୧ ।

ସୁଦାମା ଦାରିଦ୍ର୍ୟ ଭଞ୍ଜନ କରି,
ରଖିଛ ପାଣ୍ଡବେ କୁରୁ ସଂହାରି ।
ସମୁଦ୍ର ଜଳରେ ଗଜକୁ ରଖିଲ
ଛେଦପକାଇଲ ଗ୍ରାହକୁ । ୨ ।

ଅଜାମିଳ ନାମେ ଯେ ମହାପାପୀ
ତରିଗଲା ପୁତ୍ର ନାମକୁ ଜପି,
ନାଟେକ ମାଇଲା ଶ୍ରୀବତ୍ସ ବ୍ରାହ୍ମଣ
ହୃଦେ ବହୁଅଛ ତାହାକୁ । ୩ ।

ଯେଉଁ ନାମ ଧରି ପବନସୁତ
ସମୁଦ୍ର ଡେଇଁ ଅଣିଲ ସଙ୍କେତ ।
ସେ ପାଦେ ଶରଣ ଭାଣୀ ବିଶ୍ୱମ୍ଭର
ବ୍ରହ୍ମା ନ ପାଇଲେ ଯାହାକୁ । ୪ ।

-ଗୌରଚରଣ ଅଧିକାରୀ-

—୧୨—

ପତିତପାବନ ବାନା ଅଛି ଭେଟେବେଳକୁ,
ଭସିଗଲି ଭବଜଳେ ନାହିଁ ଦିଶୁ କୂଳକୁ । ପଦ ।
ନିବାରିବାର ଦୁଃଖ ଗୋଟି ଭାଙ୍ଗୁଅଛି ମୂଳକୁ
ତିନିପୁରେ ଅପକୀର୍ତ୍ତି ହେବ ଆଦିମୂଳଙ୍କୁ । ୧ ।
ଦୂରେଥାଇ ଡାକ ଦେଲେ ଡେରିଥାଅ କର୍ଣ୍ଣକୁ,
ନିକଟେରେ ନ ଶୁଣିଲ ମୋ କର୍ମ ଅବଳକୁ । ୨ ।
ଲକ୍ଷ ଯୋଜନରେ ଗଜ ଡାକଦେଲା ତୁମ୍ଭଙ୍କୁ,
ଚକ୍ର ପେଶି ନକ୍ର ନାଶି ଉଦ୍ଧରିଲ ତାହାକୁ । ୩ ।
ନକ୍ଷତ୍ର ଦଣ୍ଡୁଛି ଜଳେ ସନ୍ଧ୍ୟାଧୂପ ବେଳକୁ
ଲମ୍ବିଛି ଦପୃଣାମାଳ ପାଦପଦ୍ମ ତଳକୁ । ୪ ।
ଯୋଗୀଜନମାନେ ହୃଦେ ଧ୍ୟାଉଛନ୍ତି ଯାହାକୁ,
ଭଣିଲେ ବୀର କିଶୋର ପାଶୋରିଲ ତାହାକୁ । ୫ ।

-ବୀରକିଶୋର-

## ଅନୁସରଣ

ପ୍ରଭୁ ! କାଳଯାକ ଗଲା ସରିଣ ।
ଭଣି ଶରଣି ଭଜନ୍ତି କେତେ ଊଣା
ହୁଅନ୍ତା କରୁଣା—ସରିଣ ॥ଘୋଷା ॥
ଅଶରଣ—ଜନ—ବନ୍ଧୁ ମଣି—ଯଣ
ସଂସାରେର ହୋଇଛୁ ଉଦଣ
ପଥର ହୋଇ ପଥରେ ପଡ଼ିଥିଲା
ଅହଲ୍ୟାକୁ ଦେଲ ତରିଣ ॥ ୧ ॥
ପାଞ୍ଚାଳୀଙ୍କ ଦୁଃଶାସନ ଘଞ୍ଚାଳିଲା
ବଞ୍ଚାଇଲ ବାସ ଦେଇଣ
ଘୁଞ୍ଚାଇଲ ନାହିଁ ମୋ ଘୁର କଦନ
ପୋଛୁଇଲ ନଜରୁ ବାରିଣ ॥ ୨ ॥
କାନ୍ଦିଥିଲା ଚକ ବାନ୍ଧିଥିଲା ନକ
ପଲକ ପଡନ ନୋହୁଣ
ଛାଡ଼ିଗଲା ମଥା ରହିଗଲା କଥା
ତାକଲା ମାନବେ କଷ୍ଟଣ ॥ ୩ ॥

ଗୋପାଳ କୃଷ୍ଣ କହେ ଜଗନ୍ନାଥଙ୍କ
ଯାହା କରିବ ତୁମ୍ଭ ଚିତ୍ତ
ଅପଣା କୃପାରୁ ପଣାକୁ ଭଲି ମୋ
ଦୂଷ୍ଟ ନୁହଇ ଉଚିତ, ॥ ୪ ॥

—ଗୋପାଳ କୃଷ୍ଣ—

—୧୪—

ଚକା ନୟନ ହେ, ପଲକ ପକାଅ ନାହିଁ
ପଲକ ବୁଜିଲେ ଆଖି ତୁମ ଠଇ
ସୃଷ୍ଟି ରହିବ ନାହିଁ । ୦ ।
ନୀଳାଚଳେ ତୁମେ ଉଡ଼ାଇଛ ବାନା
ଯେ ଡାକେ ସେ ପାଏ ତୁମରି କରୁଣା
ହେ କରୁଣା ନଥି ବାଛ ବିଚାର
ତୁମ ପାଖେ କିଛି ନାହିଁ ॥ ୧ ।
ଯବନ ଜନମ ସାଲବେଗ ପାଇଁ
ସେ ପୁଣି ତୁମରି ଚରଣକୁ ଧ୍ୟାୟୀ
ପଶିଲା ତୁମରି ଶରଣ ପଞ୍ଜର
ହାତଦେଲ ତାକୁ ବଢ଼ାଇ ॥ ୨ ॥

—ଯଦୁନାଥଦାସ ମହାପାତ୍ର—

କୃପାସିନ୍ଧୁ ବଦନ  ଭରି ଅବଲୋକନ
କେଉଁ ଭରମ ହୀନ ଜନ,

କାକୁସ୍ତୁତିର ହୋଇ  କର ଯୋଡ଼ି ଜଣାଇ
ଗରୁଡ଼ ସ୍ତମ୍ଭ ସନ୍ନିଧାନ, ହେ ମହାପ୍ରଭୁ !

କୃପା ସବିଧ ପତି ହୋଇ  ଧର୍ମହୀନ ଜନର ତହିଁ
କରୁଣା କଲ ନାହିଁ  କ୍ଷମା ହେ ଦୀନବାନ୍ଧୁ !
ଏହା ମୁଁ ବିଚିତ୍ର ମଣେଇ, ହେ ମହାପ୍ରଭୁ ॥ ୧ ॥

ଖିଳ ବ୍ରହ୍ମାଣ୍ଡୋଦରେ  ଧର୍ମହୀନ ଜନରେ
ଯେଣୁ ମୋ ସମଆନ ନାହିଁ,

ଖଗତିଲକ କାନ୍ତ  ସେ କାରଣୁ ଏମନ୍ତ
ଖେଦ ଅରତ କହିଲଇଁ, ହେ ମହାପ୍ରଭୁ !

ଖଣ୍ଡିଲ ନାହିଁ ଯେଣୁ ମୋର  ଖେଦ ଆରତ ବନ୍ଧୁ କର
ଖିଳ ବ୍ରହ୍ମାଣ୍ଡ ଧର  ଖଣ୍ଡନାହିଁ କାହାର
କେଉଁ ଦପର ଦଣ୍ଡନ୍ତର ହେ ମହାପ୍ରଭୁ ॥ ୨ ॥

ଗଜରାଜଙ୍କୁ ଜଳେ          ଗ୍ରାହ ଗ୍ରାସିବା କାଳେ
ଡାକିଲା ରଖ ଅଧ ମୂଳ,
ଗୁହ୍ଯତର ଅତଙ୍ଗ          ଜାଣିଣ ତା ଶ୍ରୀରଙ୍ଗ
ରଥାଙ୍ଗ ପେଷିଲ ତତ୍କାଳ, ହେ ମହାପ୍ରଭୁ !
ଗ୍ରାହ ଜୀବନେ ନବାରିଲ । ଗଜ ବନ୍ଧଉରୁ ଟାଣିଲ
ଗୁହ୍ଯଜ୍ଞାନ — ଚେତନ !          ମମ କର୍ମକୁ ହ୍ରାନ
ଜୀବଣ ନୀରନିଧି ହେଲ, ହେ ମହାପ୍ରଭୁ । ୩ ।

(ଦୀନ) କୃଷ୍ଣ ଦାସ

ଜଣାଣ

କେବେ ମୋ ଦୁଃଖ ଘୁଞ୍ଚିବ ହେ
ନଷ୍ଟ ଚନ୍ଦ୍ରଣାୟୁ ହର
ଭବ ଭବ ବୃଥା ଭଜନାରେ ଜଭୋ
ଦିନ ଯାଉଅଛି ମୋର ॥ ଘୋଷା ॥
ଚିନ୍ତା ସ୍ରୋତେ ପଡ଼ି, କୂଳକୁ ଯେତେକ
ବାହୁଥାଏ ଅଶା ଛନ୍ଦି;
ଭବସିନ୍ଧୁଗତ ମାୟା ଶୈଳ ଘାତ
ହଏ ଆଶା ତାହା ଚୂର ॥ ୧ ॥
ଅପାର କଳ୍ପନା ଅପାରରୁ ସିନା
ଦଶାଲ୍ଟେ ଏହିପରି;
ସାରସ ଲପନ ସୁର ସ୍ୱପନନ
ଦିଅ ଅଛୁ ଅନୁଚର ॥ ୨ ॥

-ଭଗବାନ ମିଶ୍ର-
ପଦ୍ୟ ଝନ୍ନାଦ

## ପଦେ……

ଓଡ଼ିଆ ଜାତି ଶ୍ରୀ ଜଗନ୍ନାଥଙ୍କୁ ଉପଚେତନ ଅନ୍ତରେ ଅତି ନିଜର କରି ନେଇଛନ୍ତି । ପ୍ରାଣର ଆବେଗରେ ସେ ତାଙ୍କ ପ୍ରାଣପ୍ରିୟ ଦେବତାଙ୍କୁ ଘରଭଙ୍ଗା, କାଳିଆ, ଜଗା ଭୁଲିଆ ଭଳି ଡାକ ଭିତରେ ବାନ୍ଧିରଖିଛନ୍ତି । ସେ ତା'ର ଧାନି-ଲଭକୁ ଭକ୍ତି—ତଦ୍‌ଗତ—ପ୍ରାଣରେ ଶ୍ରୀ ଚରଣରେ ଅଜାଡ଼ି ଦେଇଛନ୍ତି । ଅଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କର ଗୁହାରି ସେ ଚକାନୟନ-ଠାରେ । ଅର୍ଥୀ ଅନର୍ଥୀର ଭେଦ ସେ ବୁଝନ୍ତିନା । ବିଶ୍ୱ ବସୁ ଶବର ଏବଂ ଶ୍ରୀ ବସୁ ବ୍ରାହ୍ମଣ ବିଦ୍ୟଙ୍କର ପାଇଁ ତା'ର ଚକ୍ଷୁ ବନ୍ଧାଯାଇଥ । ତେଣୁ ସମସ୍ତଙ୍କର ଅକୁଣ୍ଠ ସ୍ନେହ ଜଣାଣ ରୂପେ ଝରିପଡ଼େ ତା'ର ଉଦ୍ଦେଶ୍ୟରେ । ସେହି ଅନୁଭୂତିର ସାମାନ୍ୟ ଅଂଶ ଏଥି ରଚନାରେ ପ୍ରକାଶ ପାଇଛି । ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା, କୋରାପୁଟର ଗୀତାମାର୍ଗ ଅନୁକୂଳରେ ଏହା ଆତ୍ମ ପ୍ରକାଶ କରୁଛି ଏବଂ ଭବିଷ୍ୟତରେ ପୁରୁଷୋତ୍ତମ ତତ୍ତ୍ୱର ପ୍ରସାରର ସାହାଯ୍ୟ ସ୍ୱରୂପ ଓଡ଼ିଶାର ଅଗଣିତ ଭକ୍ତ ଓ ପ୍ରେମିକଙ୍କ ନିକଟକୁ ପହଞ୍ଚିବା ପାଇଁ ଆଶା ପ୍ରକାଶ କରୁଛି ।